ଧରିତ୍ରୀ
DHARITRI
ଗୁରୁବାର, ୧୫ ଏପ୍ରିଲ, ୨୦୨୧

## ଦୁର୍ଘଟଣାରେ ୩ ଶିକ୍ଷୟିତ୍ରୀ ଆହତ

ଭଞ୍ଜନଗର,(ଡି.ଏନ.ଏ.): ଭଞ୍ଜନଗର ଲୋହରାଖଣ୍ଡି ସେତୁ ଉପରେ ବୁଧବାର ମଧ୍ୟାହ୍ନରେ ୨ ବାଇକ୍ ମଧରେ ଧକ୍କା ହୋଇଥିଲା। ଗୋଟିଏ ବାଇକ୍ର ଚାଳକ ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ୩ ଶିକ୍ଷୟିତ୍ରୀଙ୍କୁ ଧକ୍କା ଦେଇଥିଲା । ଫଳରେ ଉକ୍ତ ବାଇକ୍ ଚାଳକଙ୍କ ସମେତ ୩ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଥିବାରୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଯାଇଛନ୍ତି। ସୂଚନାଯୋଗ୍ୟ, ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଭଞ୍ଜନଗର ଅଞ୍ଚଳର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର କାଗଜପତ୍ର ଯାଞ୍ଚ ହେଉଥିଲା । ସତ୍ୟସାଇ ବିଦ୍ୟାବିହାରର ଶିକ୍ଷୟିତ୍ରୀ ମାନେ କାର୍ଯ୍ୟ ସାରି ଫେରୁଥିବା ବେଳେ ସେତୁ ଉପରେ ଦୁର୍ଘଟଣା ଘଟିଥିଲା ।



## ସଂକ୍ଷେପରେ

### ଗଜପତିରେ ୩୧ ପଜିଟିଭ

ପାରଳାଖେମୁଣ୍ଡି,୧୪।୪(ଡି.ଏନ୍.ଏ.): ଗଜପତି ଜିଲାରେ ବୁଧବାର ୩୧ଜଣ ପୋଜିଟିଭ ଚିହ୍ନଟ ହୋଇଛନ୍ତି। ପାରଳାଖେମୁଣ୍ଡି ସହରରେ ସର୍ବାଧିକ ୨୧ଜଣ ଚିହ୍ନଟ ହୋଇଥିବା ବେଳେ ଗୋଷାଣୀ ବ୍ଲକରୁ ୬, ଗୁମ୍ମା ବ୍ଲକରୁ ଜଣେ, ଆର୍.ଉଦୟଗିରି ବ୍ଲକରୁ ଜଣେ, ନୂଆଗଡ ବ୍ଲକରୁ ଜଣେ ଏବଂ ଆନ୍ଧ୍ରରୁ ଏଠାକୁ ଆସିଥିବା ଜଣେ ବ୍ୟକ୍ତ ସଂକ୍ରମଣ ହୋଇଥିବା ଗଜପତି ଜିଲାପାଳ ଅନୁପମ ସାହା ସୂଚନା ଦେଇଚନ୍ତି। ଏହି ସମସ୍ତ ସଂକ୍ରମିତ ନିଜ ଘର ସଂଘରୋଧ ଭାବେ ରହିଛନ୍ତି।

### ଓଡ଼ିଆ ନବବର୍ଷ ପାଳିତ

ବ୍ରହ୍ମପୁର ଅଫିସ୍,୧୪।୪: ଉତ୍କଳ ପରିଷଦ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଅବସରରେ ବୁଧବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ହିଲ୍ପାଟଣାସ୍ଥିତ ଏସ୍ଏମ୍ଆଇଟି ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍କଳ ପରିଷଦର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ମତ ରଖିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ବିଚ୍ଛିନ୍ନାଞ୍ଚଳରେ ଗଠନମୂଳକ ପଦକ୍ଷେପ ଗ୍ରହଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଚୌଧୁରୀ, ପ୍ରଭାକର ସାହୁ, ସୁଶାନ୍ତ ସାବତ, ମନୋରଞ୍ଜନ ପଣ୍ଡା ଓ ରାମଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ହାତୀ ଉପଦ୍ରବରେ ଫସଲ ନଷ୍ଟ

ଗୋପାଳପୁର,୧୪।୪:ଚିକିଟି ଓ ଟାମଣା ସେକ୍ସନ ଅନ୍ତର୍ଗତ ରାଧାମୋହନପୁର, ଝିଙ୍କିପଦର, କିଶୋରଚନ୍ଦ୍ରପୁର, ପଞ୍ଚମା, ଜୁବୁଡ଼ି ଓ ଚନ୍ଦନପୁର ଅଞ୍ଚଳରେ ଗତ କିଛିଦିନ ହେଲା ଘୁମୁସର ସାଉଥ୍ ଡିଭିଜନର ପଣ୍ଡାଖୋଲ ରିଜର୍ଭ ଫରେଷ୍ଟରୁ ୧୫ ହାତୀ ଆସି ଉପଦ୍ରବ ଚଳାଇଛନ୍ତି। ଉକ୍ତ ଜଙ୍ଗଲରେ ନିଆଁ ଲାଗିବାରୁ ଖାଦ୍ୟ ଅନ୍ୱେଷଣରେ ୯ ମାଈ ହାତୀ, ୪ଟି ଛୁଆ ହାତୀ ଓ ୨ଟି ମାଖନା ହାତୀ ରାଧାମୋହନପୁର, ଝିଙ୍କିପଦର ଅଞ୍ଚଳରେ ପ୍ରବେଶ କରି କଦଳୀ ଓ ପନିପରିବା ଫସଲ ନଷ୍ଟ କରିଛନ୍ତି। ଏହି ହାତୀପଲ ମଙ୍ଗଳବାର ରାତ୍ର ପଞ୍ଚମା ଗଣେଶ ମନ୍ଦିର ପଛପଟ ଜଙ୍ଗଲ, ଚନ୍ଦନପୁର ଓ ଜୁବୁଡ଼ି ଅଞ୍ଚଳରେ ବିଭିନ୍ନ ଫସଲ ନଷ୍ଟ କରିଛନ୍ତି। ଡିଏଫ ଅମ୍ଲାନ ନାୟକ, ଟାମଣା ଫରେଷ୍ଟର ରୂପକ କୁମାର ନାୟକ, ଚିକିଟି ଫରେଷ୍ଟର ସନ୍ଧ୍ୟାରାଣୀ ଦଳବେହେରା ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ, ଟ୍ରାକର କର୍ମଚାରୀ, ପାରା ସ୍କ୍ୱାଡ୍ମାନେ ରାତିରେ ଉକ୍ତ ଅଞ୍ଚଳକୁ ଯାଇ ହାତୀଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। ହାତୀ ସୁରକ୍ଷା ଲାଗି ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଛି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଡିଏଫଓ ନାୟକ ସୂଚନା ଦେଇଛନ୍ତି।

### ୨ ଗଞ୍ଜେଇ ବ୍ୟବସାୟୀ ଗିରଫ

ବାଲିଗୁଡ଼ା,୧୪।୪(ଡି.ଏନ୍.ଏ.):ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ପୋଲିସ ଏକ ଘରୋଇ ବସ୍ରେ ଗଞ୍ଜେଇ ନେଇ ଯାଉଥିବା ଦୁଇଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୦ କିଲୋ ୧୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। କୋଟଗଡ଼ ଥାନା ଅଧିକାରୀ ଅଲେଖ ଗରଡ଼ିଆଙ୍କ ନିର୍ଦ୍ଦେଶରେ ପୋଲିସ କୋଟଗଡ଼ ପାହାଡି ଢ଼ାବା ନିକଟରେ ବସକୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ନଂ. ୩୫/୨୧ ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ପଠାଇବା ପୂର୍ବରୁ ଜଣଙ୍କର କରୋନ ପରୀକ୍ଷା କରିବାରୁ ରିପୋର୍ଟ ପଜିଟିଭ ରିପୋର୍ଟ ବାହାରିଥିଲା। ଫଳରେ ବିଳମ୍ବରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହାପରେ କୋଟଗଡ଼ ଥାନା ପରିସରକୁ ସାନିଟାଇଜ୍ କରାଯାଇଛି।

### ବନ୍ଦ ହେଲା ଧର୍ମାନୁଷ୍ଠାନ

ଆସିକା,୧୪।୪(ଡି.ଏନ.ଏ.) : କରୋନା ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାରଠାରୁ ସପ୍ତାହେ ପର୍ଯ୍ୟନ୍ତ ଜିଲାର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ରହିଛି। ତଦନୁଯାୟୀ ବୁଧବାର ଆସିକାର ମା' ଖମ୍ବେଶ୍ୱରୀ, ନୃସିଂହ ଠାକୁର, ବାଲାଜୀ ମନ୍ଦିର ସମେତ ଅନ୍ୟ ମନ୍ଦିରଗୁଡିକରେ ତାଲା ଝୁଲୁଥିଲା । ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଶ୍ରଦ୍ଧାଳୁ ଦର୍ଶନ ଲାଗି ଆସି ମନ୍ଦିର ଫାଟକରୁ ଫେରଛନ୍ତି। ଆସିକା ତହସିଲଦାର ସଦାନନ୍ଦ ସେଠୀ ବିଭିନ୍ନ ମନ୍ଦିର ବୁଲି ତଦାରଖ କରିଥିଲେ । ଏନଏସି ପକ୍ଷରୁ ଆସିକା ଅଗ୍ନିଶମ ସହାୟତାରେ ଖମ୍ବେଶ୍ୱରୀ ମନ୍ଦିର, କାଳିମୁଖୀ ମନ୍ଦିର, ହନୁମାନ ମନ୍ଦିରରେ ବିଶୋଧନ କରାଯାଇଥିଲା।

# କାର୍ଯ୍ୟକ୍ଷମ ହେବ ଟାଟା, ଅଶ୍ୱିନୀ, ଅମିତ୍ ହସ୍ପିଟାଲ

ବ୍ରହ୍ମପୁର ଅଫିସ୍,୧୪।୪

ବର୍ତ୍ତମାନ କୋଭିଡ୍କୁ ନେଇ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। କୋଭିଡ୍-୧କୁ ଯେଭଳି ସଫଳତାର ସହ ମୁକାବିଲା କରାଯାଇଥିଲା, ସେହିପରି କୋଭିଡ୍-୨ ସଂକ୍ରମଣକୁ ରୋକିବା ଓ କରୋନା ସଂକ୍ରମିତଙ୍କୁ ଚିକିତ୍ସା କ୍ଷେତ୍ରରେ ଜିଲା ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଡାଇମଣ୍ଡ ଜୁବୁଲି ଟାଉନ୍ ହଲ୍ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାରେ ଏପ୍ରିଲ୍ ୧ ଠାରୁ ଅଦ୍ୟାବିଧି ୩୪୭ ସଂକ୍ରମିତ ଓ ୧୨୪ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୨୪୫ ଆକ୍ଟିଭ୍ କେସ୍ ରହିଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଗତବର୍ଷ ମାର୍ଚ୍ଚରୁ ବର୍ତ୍ତମାନ ଯାଏ ପଜିଟିଭଙ୍କ ସଂଖ୍ୟା ୨୨୩୨୧ରେ ପହଞ୍ଚିଛି। ଅନ୍ୟ ଜିଲା ତୁଳନାରେ ଗଞ୍ଜାମ ଜିଲାରେ ପଜିଟିଭ ସଂଖ୍ୟା କମ୍ ରହିଛି ବୋଲି ଜିଲାପାଳ କହିଛନ୍ତି। କିନ୍ତୁ ଆଗାମୀ ଦିନରେ ସଂକ୍ରମଣକୁ ରୋକିବା ପାଇଁ ଜିଲାବାସୀ ସଚେତନ ହେବା ଜରୁରୀ। ଅନ୍ୟପଟେ କୋଭିଡ୍ ଟିକାକରଣର ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମୀଙ୍କ କ୍ଷେତ୍ରରେ ୯୨ ପ୍ରତିଶତ ସଫଳ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୮୭ ପ୍ରତିଶତ ଓ କରୋନା ଆଗଧାଡ଼ିର ଯୋଦ୍ଧାଙ୍କ କ୍ଷେତ୍ରରେ ୯୨




ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲାପାଳଙ୍କ ଉଦ୍‌ବୋଧନ ଦେଉଛନ୍ତି ।

ପ୍ରତିଶତ ଟିକାକରଣ ହୋଇଛି। ସେହିପରି ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଟିକାକରଣ କ୍ଷେତ୍ରରେ ୩୯ ପ୍ରତିଶତ ସଫଳ ହୋଇଛି। ଜିଲା ପ୍ରଶାସନ ନିକଟକୁ ଆସୁଥିବା ଭ୍ୟାକ୍ସିନ୍କୁ ୨୪୯ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବହୃତ କରାଯାଉଛି। ଯେଉଁଥିରେ ୨୩୮ ସରକାରୀ ଓ ୧୧ବେସରକାରୀ କେନ୍ଦ୍ର ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଭ୍ୟାକ୍ସିନ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ଭାବେ ବ୍ୟବହାର କରାଯାଉଛି। ବର୍ତ୍ତମାନ ବ୍ରହ୍ମପୁର ଏମ୍କେସିଜିଠାରେ ସ୍ୱତନ୍ତ୍ର ଡାକ୍ତରଙ୍କ ଦ୍ୱାରା କୋଭିଡ୍ କେନ୍ଦ୍ରରେ ଚିକିତ୍ସା ଉପଲବ୍ଧି ରହିଛି। ଯେଉଁଠାରେ ୧୫୦ଶଯ୍ୟା ଓ ୨୪ ଭେଣ୍ଟିଲେଟର୍ ବ୍ୟବସ୍ଥା ରହିଛି। ଯଦି ଆବଶ୍ୟକ ପଡ଼େ ଅଧିକା ୫୦ ଶଯ୍ୟା ବୃଦ୍ଧି କରାଯିବା ପାଇଁ ଯୋଜନା ରହିଛି।

ବର୍ତ୍ତମାନ କନିଷି ନିକଟସ୍ଥ ଅଶ୍ୱିନୀ ହସ୍ପିଟାଲ, ଅମିତ୍ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକାରୀ କରାଯିବ। ଯେଉଁଥିରେ ୧୫୦ ଶଯ୍ୟା ଓ ୨୫ ଭେଣ୍ଟିଲେଟର ବ୍ୟବସ୍ଥା ରହିଛି। ଏହାସହିତ ଶୀତଳାପଲୀ ସ୍ଥିତ ଟାଟା ହସ୍ପିଟାଲକୁ ମଧ୍ୟ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକାରୀ କରାଯିବ। ସେଠାରେ ମଧ୍ୟ ସମାନ ସଂଖ୍ୟକ ଶଯ୍ୟା ଓ ଭେଣ୍ଟିଲେଟର୍ର ବ୍ୟବସ୍ଥା ରହିବ। ଉକ୍ତ ୩ ହସ୍ପିଟାଲରେ ୪୫୦ ଶଯ୍ୟା ଓ ୯୦ ଭେଣ୍ଟିଲେଟର୍ର ବ୍ୟବସ୍ଥା ରହିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ସମଗ୍ର

## କୋଭିଡ୍ ମୁକାବିଲା ନେଇ ଜିଲା ପ୍ରଶାସନର ପ୍ରସ୍ତୁତି

- ଜିଲାକୁ ଫେରିଛନ୍ତି ୬୦୬୪ ପ୍ରବାସୀ
- ଚିକିତ୍ସା, ଅକ୍ସିଜେନ୍ ବ୍ୟବସ୍ଥାକୁ ଗୁରୁତ୍ୱ

ଦକ୍ଷିଣ ଓଡ଼ିଶା ଓ ଜିଲା ବାହାରୁ ଆସୁଥିବା ଲୋକଙ୍କୁ କିଭଳି କୋଭିଡ୍ ଚିକିତ୍ସା ପ୍ରଦାନ କରାଯିବ ସେ ନେଇ ଯୋଜନା କରାଯାଇଛି। ବର୍ତ୍ତମାନ ସହରର ନଗର ଚିକିତ୍ସାଳୟରେ ଏମ୍ବିବିଏସ୍ ଡାକ୍ତର, ଅକ୍ସିଜେନ୍ର ସୁବିଧା ସହ ୧୦୦ ଶଯ୍ୟାବିଶିଷ୍ଟ ଜିଲା କୋଭିଡ୍ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଆଗାମୀ ଦିନରେ ଆସିକା, ଭଞ୍ଜନଗର ଓ ହିଞ୍ଜିଳିକାଟୁରେ ବି କୋଭିଡ୍ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଦଣ୍ଡ ନୃତ୍ୟ ଓ ଚୈତ୍ର ଯାତ୍ରାକୁ ନେଇ ବହୁ ପ୍ରବାସୀ ଜିଲାକୁ ଫେରିଛନ୍ତି। ବର୍ତ୍ତମାନ ଜିଲାର ୨୨ ବ୍ଲକରେ ୫୪୪୦ ପ୍ରବାସୀ ଫେରିଥିବା ବେଳେ ଏନ୍ଏସିରେ ୩୧୮ ଓ ବ୍ରହ୍ମପୁର ରେଳ ଷ୍ଟେଶନ୍ରେ ୩୩୨ ପ୍ରବାସୀଙ୍କୁ ଚିହ୍ନଟ କରାଯାଇଥିବା ଜିଲାପାଳ କହିଛନ୍ତି। ଏହାକୁ ମିଶାଇ ଜିଲାକୁ ଅଦ୍ୟାବିଧି ୬୦୬୪ ଜଣ ପ୍ରବାସୀ ଫେରିଥିବା ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ପ୍ରତ୍ୟେକ ଦିନ ୨ ହଜାରରୁ ଅଧିକ ଟେଷ୍ଟ କରାଯାଉଛି। ଏଥିସହ ୧୫ ଶହରୁ ଊର୍ଦ୍ଧ୍ୱ ଆଣ୍ଟିଜେନ୍ ଟେଷ୍ଟିଂ ଓ ୭୦୦ରୁ ଊର୍ଦ୍ଧ୍ୱ ଆର୍ଟି-ପିସିଆର୍ ଟେଷ୍ଟିଂ କରାଯାଉଛି। ତତ୍‌ସହିତ ଜିଲାକୁ ଆସୁଥିବା ପ୍ରବାସୀଙ୍କୁ ହୋମ୍ ଆଇସୋଲେଶନ୍ ବାଧ୍ୟତାମୂଳକ କରାଯାଇଛି। ଏଥିସହ ଜିଲାର ୩ ସବ୍‌ଡିଭିଜନ୍ ଓ ଏନ୍ଏସିରେ କଲ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। କୋଭିଡ୍ କେନ୍ଦ୍ରଗୁଡ଼ିକରେ ଠିକ୍ ଚିକିତ୍ସା ଓ ଅକ୍ସିଜେନ୍ କିଭଳି ମିଳିପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଛି। ଆଗାମୀ ଦିନରେ ଯଦି କୋଭିଡ୍ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଏ ତେବେ କଣ୍ଟେନ୍‌ମେଣ୍ଟ ଜୋନ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ବ୍ୟବସାୟ ପ୍ରତିଷ୍ଠାନ କ୍ଷେତ୍ରରେ ମାସ୍କ ଓ ସାମାଜିକ ଦୂରତାକୁ ବାଧ୍ୟତାମୂଳକ କରାଯାଇଛି। କୋଭିଡ୍ ସଂକ୍ରମଣକୁ କିଭଳି ରୋକାଯାଇ ପାରିବ ସେ ନେଇ ଜିଲାବାସୀଙ୍କ ସହଯୋଗ ଜରୁରୀ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ବିଏମ୍ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଗଞ୍ଜାମରେ ୨୪୫ ସକ୍ରିୟ କରୋନା ଆକ୍ରାନ୍ତ

ଛତ୍ରପୁର,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲାକୁ ଫେରୁଥିବା ପ୍ରବାସୀମାନେ ଆର୍‌ଟି-ପିସିଆର୍ ନେଗେଟିଭ ରିପୋର୍ଟ ଆଣିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ନ ଥିଲେ ପ୍ରବାସୀ ୭ଦିନ ହୋମ ଆଇସୋଲଶନରେ ରହିବେ। ଗିରିଶୋଳ ଆନ୍ଧ୍ର -ଗଞ୍ଜାମ ସୀମାନ୍ତରେ ଜିଲ୍ଲାକୁ ଆସୁଥିବା ଲୋକଙ୍କ ତନଖି କରିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ପୁଣି ୭୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ମହାନଗରରୁ ୩୩ ଆସିକା ଓ କୁକୁଡାଖଣ୍ଡିରୁ ୩ ଲେଖାଏ, ହିଞ୍ଜିଳିକାଟୁ, ଜଗନ୍ନାଥପ୍ରସାଦ ଓ ପୋଲସରାରୁ ୪ ଲେଖାଏ, ଛତ୍ରପୁର, ଧରାକୋଟ, ଦିଗପହଣ୍ଡି, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ବୁଗୁଡ଼ା ଓ ରଙ୍ଗେଇଲୁଣ୍ଡାରୁ ଜଣେ ଲେଖାଏ, ସୋରଡା, ବେଗୁନିଆପଡା ଓ ପୁରୁଷୋତ୍ତମପୁରରୁ ୨ ଜଣ ଲେଖାଏ ଏବଂ ଅନ୍ୟ ୬ ଜଣ ଅଛନ୍ତି। ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ୨୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ଜିଲାରେ ୨୪୫ ସକ୍ରିୟ କରୋନା ରୋଗୀ ଅଛନ୍ତି । ଗଞ୍ଜାମ ପୋଲିସ ଜିଲାରେ ମାସ୍କ ଓ ଗାଡି ଯାଞ୍ଚ କରି ଗତ ୨୪ ଘଣ୍ଟା ମଧ୍ୟରେ ୩ ଲକ୍ଷ ୩୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବୁଧବାର ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି ।

# କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭଞ୍ଜନଗର,୧୪।୪(ଡି.ଏନ.ଏ)

କ୍ରାନ୍ତିକାରୀ କୃଷକ ସଭା ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବୁଧବାର ମିଳିତ ଭାବେ ଏକାଧିକ ଦାବିନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ନୂଆ ୩ କଳା କୃଷି ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ଼, ରାଷ୍ଟ୍ରାୟତ ସଂସ୍ଥାର ଘରୋଇକରଣ ବନ୍ଦ କରିବା ଆଦି ରହିଛି। ପ୍ରଥମେ କୃଷକ ଓ ବହୁଜନଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ସଭା ହୋଇଥିଲା । କ୍ରାନ୍ତିକାରୀ କୃଷକ ସଭା ରାଜ୍ୟ ସମ୍ପାଦକ ଶଙ୍କର ସାହୁ, ଏସ୍‌ସି ଏସ୍‌ଟି ଶିକ୍ଷକ କଲ୍ୟାଣ ମହାସଂଘର ନେତା ବଂଶୀଧର ନାୟକ , ଆଦିବାସୀ ଭାରତ ମହାସଭା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପାଳ କୃଷ୍ଣ ମଳିକ, ସୁରେନ୍ଦ୍ର ଜାନି ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଡ଼. ଭିମ ରାଓ ଆମ୍ବେଡକରଙ୍କ ଜୀବନି ସମ୍ପର୍କରେ କହିଥିଲେ । ଏହି ଅବସରରେ ଆମ୍ବେଡକରଙ୍କ ଜୟନ୍ତୀ ସହ ସମ୍ବିଧାନ ବଞ୍ଚାଅ ଦିବସ ପାଳନ ହୋଇଥିଲା ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି,୧୪।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲା ଦୌରାଜଜ୍ ବିଶ୍ୱଜିତ ଦାଶଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ କୋର୍ଟର ବିଚାର ବିଭାଗୀୟ ଅଧିକାରୀ ତଥା ଅତିରିକ୍ତ ଜିଲା ଜଜ୍ ହେମନ୍ତ କୁମାର ସେଠୀ, କୋର୍ଟ ରେଜିଷ୍ଟ୍ରର ସୁଭଶ୍ରୀ ପ୍ରଧାନ, ସଚିବ ବୋମକେଶ ନାୟକ, ସିଜିଏମ୍ ମାନସ କୁମାର ପଣ୍ଡା, ସବ୍‌ଜଜ୍ ଚନ୍ଦ୍ରାହାଶ ବେହେରା, ଏସ୍‌ଡିଜେଏମ୍ ବର୍ଷା ଶର୍ମା, ବନିଲ କୁମାର ଖଟେଇ, ଜେଏମ୍ଏସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶୀନି ପ୍ରମୁଖ କୋର୍ଟ କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ମୋହନା, କାଶୀନଗର, ଓ ଆର୍.ଉଦୟଗିରି କୋର୍ଟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ହୋଇଯାଇଛି। ସମୁଦାୟ ୫୩୩ ଟି କେସ ବିଚାରକୁ ନିଆଯାଇଥିବା ବେଳେ ୪୯ ସମାଧାନ କରାଯାଇ ୬,୩୫, ୦୦୦ ଆଦାୟ କରାଯାଇଥିବା ସଚିବ ବ୍ୟୋମକେଶ ନାୟକ କହିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପୂର୍ବତନ କର୍ପୋରେଟରଙ୍କ ଚିଠି

ବ୍ରହ୍ମପୁର ଅଫିସ୍,୧୪।୪

ବ୍ରହ୍ମପୁର ମହାନଗରରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ କୋଭିଡ୍ ଟିକା ଦେବା ଉଦ୍ଦେଶ୍ୟରେ ପୂର୍ବତନ କର୍ପୋରେଟର ଦିଲୀପ କୁମାର ପଟ୍ଟନାୟକ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ବୁଧବାର ଏକ ଚିଠି ଲେଖିଛନ୍ତି। ତାଙ୍କ କହିବା ମୁତାବକ, ବର୍ତ୍ତମାନ ବ୍ରହ୍ମପୁର ସହରରେ ୫୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନା ଟିକା ଗ୍ରହଣ କରିଛନ୍ତି। ତେବେ ମହାନଗର ନିଗମ ଅଧୀନରେ ବହୁ ପୁରୁଷ ଓ ମହିଳା ସଫେଇ କର୍ମଚାରୀ ରହିଛନ୍ତି। ଯେଉଁମାନେ ଦିନରାତି ନାଳ ନର୍ଦ୍ଦମା ଓ ରାସ୍ତାଘାଟ ସଫା କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ୪୫ ବର୍ଷ ହୋଇ ନ ଥିବାରୁ କରୋନା ଟିକା ଗ୍ରହଣ କରିବାରେ ବଞ୍ଚିତ ହୋଇଛନ୍ତି। ଏଣୁ ଆଗଧାଡ଼ିର କରୋନା ଯୋଦ୍ଧା ତଥା ସଫେଇ କର୍ମଚାରୀଙ୍କୁ କରୋନା ଟିକା ପ୍ରଦାନ କରିବାରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପୂର୍ବତନ କର୍ପୋରେଟର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ମୃତ୍ୟୁ ଫାଶ ପାଲଟିଛି ରାସ୍ତାର ଲୁହାଛଡ଼



ରାସ୍ତାରେ ଉଠିଥିବା ଦୁଇ ଲୁହାଛଡ଼।

ବୁଗୁଡ଼ା,୧୪।୪(ଡି.ଏନ.ଏ.)

ବୁଗୁଡ଼ା ଏନ୍ଏସି କାଞ୍ଚିଆପଲ୍ଲୀ ରାସ୍ତାର ରାମଣ୍ଡା ଛକ ନିକଟରେ ଦୀର୍ଘ ଦୁଇ ମାସ ହେଲା ଦୁଇଟି ଲୁହାଛଡ଼ ବହାରିଛି। ଏହା ଉକ୍ତ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ପାଇଁ ମୃତ୍ୟୁର ଫାଶ ସଦୃଶ ରହିଛି। ଗ୍ୟାସ ପାଇପ ଲାଇନ୍ ବିଛାଇବା ପାଇଁ ଆଇଓସିଏଲ ପକ୍ଷରୁ ଉକ୍ତ ରାସ୍ତା ଖୋଳାଯାଇ ପାଇପ କାମ ସରିବା ପରେ କେବଳ ମାଟି ଭର୍ତ୍ତି କରି ଦିଆଯାଇଥିଲା। କିଛିଦିନ ପରେ ମାଟି ଦବି ଉକ୍ତ ସ୍ଥାନ ଖାଲ ହୋଇଯିବା ଯୋଗୁ ଯାତାୟାତରେ ଅସୁବିଧା ସୃଷ୍ଟି ହେବା ସହ ଦୁର୍ଘଟଣାମାନ ଘଟୁଥିଲା। ବହୁ ଅଭିଯୋଗ ପରେ ଖାଲକୁ ସମତୁଲ କରିବା ପାଇଁ ଦୁଇମାସ ତଳେ ଆଇଓସିଏଲ କର୍ତ୍ତୃପକ୍ଷ ସିମେଣ୍ଟ କରିଥିଲେ। କିନ୍ତୁ ନିମ୍ନମାନର ଓ ବେପରୁଆ କାମ ହେତୁ ରାସ୍ତା ମଝିରେ ଦୁଇଟି ଲୁହାଛଡ଼ କଂକ୍ରିଟ ଭିତରୁ ବାହାରି ଛଅ ଫୁଟ ଉଚ୍ଚରେ ଠିଆ ହୋଇଛି। ହେଲେ ଏଥିପ୍ରତି ଆଇଓସିଏଲ କର୍ତ୍ତୃପକ୍ଷ ବା ସ୍ଥାନୀୟ ପ୍ରଶାସନର ଦୃଷ୍ଟି ପଡୁନାହିଁ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାରେ ବୁଗୁଡ଼ାରୁ ଭଞ୍ଜନଗର ଯିବାକୁ ପାଖ ପଡୁଥିବାରୁ ଶତାଧିକ ଗାଡି ମୋଟର ଯାତାୟାତ କରୁଛି। ଲୁହାଛଡ଼ ଉଠି ରହିଥିବାରୁ ସନ୍ଧ୍ୟାରେ ଦୁର୍ଘଟଣା ଘଟିଲାଣି।

# ଯୁବ କଂଗ୍ରେସ କମିଟିର ନୂଆ କର୍ମକର୍ତ୍ତା ଘୋଷଣା

ଫୁଲବାଣୀ ଅଫିସ, ୧୪।୪

କନ୍ଧମାଳ ଜିଲା ଯୁବ କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ଡା.ସ୍ମୃତି ରଞ୍ଜନ ଲେଙ୍କାଙ୍କ ଅନୁମୋଦନକ୍ରମେ ରାଜ୍ୟ ଉପସଭାପତି ତଥା କନ୍ଧମାଳ ଦାୟିତ୍ୱରେ ଥିବା ବୀରେନ୍ଦ୍ର ବାଗ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଉପସଭାପତି ଭାବେ ଗଗନ କୁମାର ପ୍ରଧାନ, ସିମଲା ରାଣି ପାତ୍ର, ସୁବ୍ରତ କୁମାର ବେହେରା, ଝିରିମାୟା ସୁନାମାଝି ଓ ରାଜୀବ ଲୋଚନ ସାହାଣୀ, ସାଧାରଣ ସମ୍ପାଦକ ଭାବେ ସଞ୍ଜୟ କହଁର, ଆଶିଷ କୁମାର ପ୍ରଧାନ, ସିଦ୍ଧାର୍ଥ ପାତ୍ର, ଅଭିଶେକ ଦଳବେହେରା, ଚିଣ୍ଟୁ ଦାସ, ଉତ୍ତମ ଚାନ୍ଦ ପ୍ରଧାନ, ଚନ୍ଦନ ପଣ୍ଡା, ପ୍ରଭଞ୍ଜନ ନାୟକ, କିଶନ କୁମାର ବେହେରା ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ଗିରିଶ ଚନ୍ଦ୍ର ପରାସେଠ, ସନ୍ତୋଷ କୁମାର ସୁବୁଦ୍ଧି, ବିଦୁର ବେହେରା, ରୋହିତ କୁମାର ମୁଖି, ସୁଦାମ ବେହେରା, ତ୍ରିନାଥ ବେହେରା, ପଞ୍ଚାନନ ବେହେରା, ବିଷ୍ଣୁ ଦିଗାଲ, ଜାନକୀ ବଲ୍ଲଭ ପଟ୍ଟନାୟକ, ବରୁଣ ନାୟକ, ବିକ୍ରମ କୁମାର ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ନୂତନ କର୍ମକର୍ତ୍ତାମାନେ କାର୍ଯ୍ୟ କରିବେ । କଂଗ୍ରେସର ସଙ୍ଗଠନକୁ ତୃଣମୂଳସ୍ତରରୁ ମଜବୁତ୍ କରିବା ପାଇଁ ନୂତନ କର୍ମକର୍ତା ଏବଂ ଦଳର ସମସ୍ତ କାର୍ଯ୍ୟକର୍ତାଙ୍କୁ ଧରି ଆଗକୁ ବଢ଼ିବୁ ବୋଲି ଜିଲା ଯୁବ କଂଗ୍ରେସ ସଭାପତି ପାଢ଼ୀ କହିଛନ୍ତି। ଏଥିସହ ରାଜ୍ୟ ନେତୃବୃନ୍ଦଙ୍କୁ ସାଧୁବାଦ ଜଣାଇଛନ୍ତି।

## ଗଞ୍ଜେଇ ଜବତ,୩ ଗିରଫ

କ.ନୂଆଗାଁ, ୧୪।୪(ଡି.ଏନ୍.ଏ.)

କ.ନୂଆଗାଁ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଦାରିଙ୍ଗବାଡି ଛକଠାରେ ୩ ଜଣଙ୍କୁ ୨୯ କେ.ଜି ୬୦୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ବସ୍ତା ସହ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ପାଳସୁଣି ଗ୍ରାମର ଲାଲ ମୋହନ ତିରୀୟା, କୁଆଖାଇ ଗ୍ରାମର ଏସ୍‌କେ କଲିମ, ବାଲିଗୁଡ଼ା ଥାନା ଗୋଛାପଡ଼ା ଗ୍ରାମର ରଞ୍ଜିତ ଦିଗାଲ। ନଂ.୨୪/୨୧ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ବସ୍‌କୁ ଅପେକ୍ଷା କରିଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକ



ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ।

ନୂଆଗଡ଼,୧୪।୪

ନୂଆଗଡ଼ ବ୍ଲକ ଖଜୁରୀପଦା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବ୍ଲକ ଗଣମାଧ୍ୟମ ପ୍ରତିନିଧିଙ୍କ ବ୍ଲକସ୍ତରୀୟ ସ୍ୱତନ୍ତ୍ର ବୈଠକ ହୋଇଥିଲା। ବୈଠକରେ ନୂଆଗଡ଼ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ସାମ୍ବାଦିକ ସଂଘର କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଈଶ୍ୱର ଚନ୍ଦ୍ର ବିଷୋଇ, ଉପ ସଭାପତି ଯୋଦ୍ଧମଣି ଦଳାଇ, ସମ୍ପାଦକ ହରେକୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟ ପରାଗ ଛିଞ୍ଚାଣିଙ୍କୁ ଚୟନ କରାଯାଇଥିଲା। ବୈଠକରେ ଖବରଦାତା ଯୋଗ୍ୟବନ୍ତ ପରିଛା, ଶ୍ରୀଧର ଦାସ, ମନୋହର ପରିଛା, ସୁରେସ ସ୍ୱାଇଁ, ବାବୁଲି ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ମନୋହର ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

# କୋଭିଡ୍ କଟକଣାରେ ସରିଲା ମେରୁଯାତ୍ରା

ବ୍ରହ୍ମପୁର ଅଫିସ,୧୪।୪

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଦଣ୍ଡଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଛି। କରୋନା କଟକଣା ଯୋଗୁ ମେରୁ ପର୍ବ ଫିକାପଡ଼ିଛି। ବ୍ରହ୍ମପୁର ମହାନଗରରେ କୋଭିଡ୍ କଟକଣା ମଧ୍ୟରେ ମହା ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। କୋଭିଡ୍ କଟକଣାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ୍ ଭୋରରୁ ବିଭିନ୍ନ ମନ୍ଦିରରେ ମେରୁ ଯାତ୍ରା ହୋଇଥିଲା। ଗଞ୍ଜାମ ଜିଲା ସମେତ ବ୍ରହ୍ମପୁର ସହରର ବିଭିନ୍ନ କାଳୀମନ୍ଦିରରେ ମେରୁ ଲାଗି ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ମେରୁ ମଣ୍ଡପରେ ଥିବା ମେରୁ କୁଣ୍ଡରେ ପାଟ ଦଣ୍ଡୁଆଙ୍କୁ ଓହଳା ଯାଇଥାଏ। କଟକଣା ଜାରି ହୋଇଥିବାରୁ ମେରୁଯାତ୍ରା ଦେଖିବାରୁ ଶ୍ରଦ୍ଧାଳୁ ବଞ୍ଚିତ ହୋଇଛନ୍ତି। ବ୍ରହ୍ମପୁର ସହରର ବିଭିନ୍ନ କାଳୀ ମନ୍ଦିରରେ



ମନ୍ଦିର ପରିସରକୁ ବ୍ୟାରିକେଡ୍ କରାଯାଇଛି।

ନଗର ପରିକ୍ରମା, ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ, କଣ୍ଟା ପିଢା ଦଣ୍ଡ ପ୍ରମୁଖ ହୋଇପାରି ନ ଥିଲା। ବିଜିପୁର ଦକ୍ଷିଣକାଳୀ ମନ୍ଦିରରେ ଷୋଡ଼ଶ ଉପଚାର ମାତୃମଣ୍ଡଳ, ପଞ୍ଚକାରକ, ଚଣ୍ଡୀପାଠ, ନବଗ୍ରହ ପୂଜା ସମାପନ ହେବା ପରେ ପୂର୍ବାହ୍ନ ୬ଟା ସୁଦ୍ଧା ମେରୁ ଯାତ୍ରା ପାଳନ ହୋଇଥିଲା। ସେହିପରି ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ୟାମାକାଳୀ ମନ୍ଦିରରେ ଭୋର ୪ଟା ୩୦ ମଧ୍ୟରେ ମେରୁ ପର୍ବ କରାଯାଇଥିଲା। ଗୋସାଇଁନୂଆଗାଁ, ପାଣିଗ୍ରାହୀ ପେଣ୍ଠସାହି, ପାତାଳେଶ୍ୱର ଓ ଆମ୍ବପୁଆ ଦକ୍ଷିଣ ଦଣ୍ଡ କାଳୀ ମନ୍ଦିରରେ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପରମ୍ପରା ଅନୁଯାୟୀ ହେବାକୁ ଥିବା ତୋଟା ଭୋଜି କାଁ ଭାଁ କେତୋଟି ମନ୍ଦିରରେ ହେବା ନେଇ ପୂଜକଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୧ ତାରିଖ ଯାଏ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିବା ନେଇ ନିର୍ଦ୍ଦେଶ ଦିଆଯାଇଥିବାରୁ ବୁଧବାର ମହାନଗରର ସମସ୍ତ ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନକୁ ବାରଣ କରାଯାଇଥିଲା। ଫଳରେ ବହୁ ଶ୍ରଦ୍ଧାଳୁ ମନ୍ଦିର ବାହାରେ ହିଁ ପୂଜା କରି ଫେରିଯାଇଥିବା ଦେଖିବାକୁ ମିଳିଥିଲା।

